# ଶ୍ରୀମନ୍ଦିର ସମାଚାର

## SHREE JAGANNATH TEMPLE BULLETIN

SHREE JAGANNATHA TEMPLE ADMINISTRATION
Puri, Odisha

ନଭେମ୍ବର-୨୦୨୨ NOVEMBER-2022


## ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ଦର୍ଶନ କଲେ ଭାରତର ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ

ତା. ୧୦.୧୧.୨୨ରେ ଭାରତର ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ପଦ ଅଳଙ୍କୃତ କରିବା ପରେ ପ୍ରଥମ ଥର ପାଇଁ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ଦର୍ଶନ କରିଛନ୍ତି । ଏହି ପରିପ୍ରେକ୍ଷୀରେ ମହାମହିମ ରାଷ୍ଟ୍ରପତିଙ୍କର ଗସ୍ତକୁ ସଫଳ କରିବା ନିମନ୍ତେ ଛତିଶା ନିଯୋଗ ଓ ନୀତି ସବ୍ କମିଟିର ଏକ ଯୁଗ୍ମ ପ୍ରସ୍ତୁତି ବୈଠକ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଶ୍ରୀଯୁକ୍ତ ବୀର ବିକ୍ରମ ଯାଦବଙ୍କ ଅଧକ୍ଷତାରେ ତା ୪.୧୧.୨୨ରିଖ ଶୁକ୍ରବାର ଦିନ ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ



ଛତିଶା ନିଯୋଗର ସଦସ୍ୟମାନେ ଉପସ୍ଥିତ ରହି ରାଷ୍ଟ୍ରପତିଙ୍କ ଶ୍ରୀମନ୍ଦିର ଦର୍ଶନକୁ ଶୃଙ୍ଖଳିତ କରିବା ନିମନ୍ତେ ଏକାନ୍ତ ସହଯୋଗ ପାଇଁ ସମ୍ମତି ପ୍ରଦାନ କରିଥିଲେ । ତଦନୁଯାୟୀ ତା ୧୦.୧୧.୨୨ରିଖ ଗୁରୁବାର ଦିନ ପାଇଁ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ସ୍ୱତନ୍ତ୍ର ନୀତିନିର୍ଘଣ୍ଟ ଏବଂ ବ୍ୟବସ୍ଥାବଳୀ ପ୍ରସ୍ତୁତ କରାଯାଇଥିଲା । ଏହି ନିର୍ଘଣ୍ଟ ଆଧାରରେ ଶ୍ରୀମନ୍ଦିରରେ ପ୍ରାତଃରେ ଦ୍ୱାର ଫିଟାଯାଇ ମଙ୍ଗଳ ଆଳତି, ଅବକାଶ ଏବଂ ବେଶ ସଂପାଦନ କରାଯିବା ଓ ପରେ ପରେ ସକାଳଧୂପ ଏବଂ ମଧ୍ୟାହ୍ନ ଧୂପ ବେଶ ପର୍ଯ୍ୟନ୍ତ ସମସ୍ତ ନୀତି ସଂପାଦନ ହୋଇଥିଲା । ତତ୍‌ପରେ ଶ୍ରୀମନ୍ଦିର ଶୋଧ କାର୍ଯ୍ୟ ଆରମ୍ଭ କରାଯାଇଥିଲା ।

ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ମଧ୍ୟାହ୍ନ ଘ.୧୨.୧୫ମି. ସମୟରେ ଶ୍ରୀଜଗନ୍ନାଥ ମନ୍ଦିରର ସିଂହଦ୍ୱାର ଠାରେ ପହଞ୍ଚିବା ପରେ ଗଜପତି ମହାରାଜା ଶ୍ରୀଶ୍ରୀ ଦିବ୍ୟସିଂହ ଦେବ ଓ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଶ୍ରୀଯୁକ୍ତ ବୀର ବିକ୍ରମ ଯାଦବ, ଛତିଶା ନିଯୋଗ ନାୟକ, ଶ୍ରୀମନ୍ଦିର ପରିଚ୍ଛଳନା କମିଟିର ସଦସ୍ୟବୃନ୍ଦ, ବିଧିବିଭାଗର ପ୍ରମୁଖ ଶାସନ ସଚିବ, ମହାମହିମଙ୍କ ପୈତୃକ ପଣ୍ଡା ଓ ଅନ୍ୟମାନେ ଉପସ୍ଥିତ ରହି ପୁଷ୍ପଗୁଚ୍ଛ ଏବଂ ମହାପ୍ରଭୁଙ୍କ ଲାଗିପାଟ ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ । ଶ୍ରୀମନ୍ଦିର ଉପ-ମୁଖ୍ୟ ପ୍ରଶାସକ ତଥା ଜିଲ୍ଲାପାଳ ଶ୍ରୀଯୁକ୍ତ ସମର୍ଥ ବର୍ମା, ଆରକ୍ଷୀ ଅଧୀକ୍ଷକ ଶ୍ରୀଯୁକ୍ତ କେ.ଭି.ସିଂ ପ୍ରମୁଖ ସେଠାରେ ଉପସ୍ଥିତ ରହି ଭବ୍ୟ ସମ୍ବର୍ଦ୍ଧନା ଜଣାଇବା ସହିତ ରାଷ୍ଟ୍ରପତିଙ୍କୁ ଶ୍ରୀମନ୍ଦିର ଭିତରକୁ ପାଛୋଟି ନେଇଥିଲେ । ଶ୍ରୀମନ୍ଦିରକୁ ଯିବା ପୂର୍ବରୁ ମହାମହିମ ରାଷ୍ଟ୍ରପତି ଅରୁଣ ସ୍ତମ୍ଭକୁ ସ୍ପର୍ଶ କରି ମୁଣ୍ଡିଆ ମାରିଥିଲେ । ଏହାପରେ ସେ ବାଇଶି ପାହାଚ ଓ ସାତ ପାହାଚ ଦେଇ ନାଟମଣ୍ଡପରେ ପ୍ରବେଶ କରିଥିଲେ । ଏହି ସମୟରେ ଶ୍ରୀଜଗନ୍ନାଥ ମନ୍ଦିର ବୈଦିକ ଶିକ୍ଷା ଅନୁଷ୍ଠାନର ଛାତ୍ରମାନେ ନାଟମନ୍ଦିରର ଦୁଇ ପାର୍ଶ୍ୱରେ ସମାନ୍ତରାଳ ଭାବରେ ଉପସ୍ଥିତ ରହି ବେଦପାଠ କରିଥିଲେ । ରାଷ୍ଟ୍ରପତି ଗରୁଡ଼ ସ୍ତମ୍ଭ ଚତୁଃପାର୍ଶ୍ୱ ପରିକ୍ରମା ଶେଷ କରି ଜୟ ବିଜୟ ଦ୍ୱାର ଓ ଧୂକୁଡ଼ି ଦ୍ୱାର ଦେଇ ଗର୍ଭଗୃହରେ ଶ୍ରୀବିଗ୍ରହମାନଙ୍କ ଦର୍ଶନ କରିଥିଲେ । ତତ୍‌ପରେ ରାଷ୍ଟ୍ରପତି ଧୂକୁଡ଼ି ଦ୍ୱାର, ବେହେରଣ ଦ୍ୱାର ଓ ମୁକ୍ତିମଣ୍ଡପ ଦେଇ ବିମଳା ମନ୍ଦିରକୁ ଯାଇଥିଲେ । ମା'ବିମଳା ମନ୍ଦିର ଓ ମହାଲକ୍ଷ୍ମୀ ମନ୍ଦିରରେ ଦର୍ଶନ ଶେଷ କରି ରାଷ୍ଟ୍ରପତି କୀର୍ତ୍ତନ ଚକଡ଼ା ଓ ବାଇଶି ପାହାଚ ଦେଇ ସିଂହଦ୍ୱାର ଠାରେ ପହଞ୍ଚିଥିଲେ ।

ରାଷ୍ଟ୍ରପତି ଦର୍ଶନ ସାରି ଫେରିବା ପରେ ସିଂହଦ୍ୱାର ଠାରେ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ମୁଖ୍ୟ ପ୍ରଶାସକ ତାଙ୍କୁ 'ଶ୍ରୀଜଗନ୍ନାଥଙ୍କ ପଟ୍ଟଚିତ୍ର' ଉପହାର ସ୍ୱରୂପ ପ୍ରଦାନ କରିଥିଲେ ।

ଭାରତର ସର୍ବୋଚ୍ଚ ନାଗରିକ ତଥା ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ପ୍ରଥମ ଆଗମନକୁ ସଫଳ କରିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥାମାନ ଗ୍ରହଣ କରାଯାଇଥିଲା ।



ରାଷ୍ଟ୍ରପତିଙ୍କ ଶ୍ରୀମନ୍ଦିର ଆଗମନ, ଶ୍ରୀବିଗ୍ରହଙ୍କ ଦର୍ଶନ ଓ ପ୍ରତ୍ୟାବର୍ତ୍ତନ ନିର୍ବିଘ୍ନରେ ଏବଂ ଶୃଙ୍ଖଳିତ ଭାବେ ସମାପିତ ହୋଇଥିଲା । ଛତିଶା ନିଯୋଗର କର୍ମକର୍ତ୍ତା ଓ ପାଳିଆ ସେବକମାନେ ଶ୍ରୀମନ୍ଦିରରେ ଉପସ୍ଥିତ ରହି ରାଷ୍ଟ୍ରପତିଙ୍କ ଦର୍ଶନକୁ ସୁନ୍ଦର ଓ ଶୃଙ୍ଖଳିତ କରିପାରିଥିବାରୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଶ୍ରୀଯୁକ୍ତ ବୀର ବିକ୍ରମ ଯାଦବ ସମସ୍ତ ସେବକ ନିଯୋଗର କର୍ମକର୍ତ୍ତା ଓ ସେବକମାନଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ ରାଷ୍ଟ୍ରପତିଙ୍କ ଆଗମନ ଏବଂ ଦର୍ଶନ ବ୍ୟବସ୍ଥାକୁ ସଫଳ କରିଥିବା ଯୋଗୁଁ ଜିଲ୍ଲା ପ୍ରଶାସନ, ପୋଲିସ୍ ପ୍ରଶାସନ ଏବଂ ସର୍ବୋପରି ସମସ୍ତ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ଆନ୍ତରିକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଶ୍ରୀମନ୍ଦିର ନୀତି ପରିକ୍ରମା

## ଶ୍ରୀମନ୍ଦିରରେ କାର୍ତ୍ତିକ ପୂର୍ଣ୍ଣିମା ଓ ଶ୍ରୀବିଗ୍ରହମାନଙ୍କ ରାଜାଧିରାଜ (ସୁନା) ବେଶ :

ତା ୮.୧୧.୨୨ରିଖ ମଙ୍ଗଳବାର ଶ୍ରୀମନ୍ଦିରରେ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ମଙ୍ଗଳ ଆଳତି ଓ ଅବକାଶ ନୀତି ଅନୁଷ୍ଠିତ ହେବା ପରେ ପାଳିଆ ପୁଷ୍ପାଳକମାନେ ଶ୍ରୀବିଗ୍ରହଙ୍କୁ 'ରାଜରାଜେଶ୍ୱର ବେଶ ବା ସୁନା ବେଶ'ରେ ସଜ୍ଜିତ କରିଥିଲେ । ଏହି ବେଶରେ ରୋଷହୋମ, ସୂର୍ଯ୍ୟପୂଜା, ଦ୍ୱାରପାଳପୂଜା, ଗୋପାଳବଲ୍ଲଭ ଭୋଗ, ସକାଳ ଧୂପ, ବାଳ ଧୂପ, ଭୋଗମଣ୍ଡପ ଇତ୍ୟାଦି ନୀତି ଅନୁଷ୍ଠିତ ହୋଇଥିଲା । ଭୋଗ ମଣ୍ଡପ ସରିବା ପରେ 'ସୁନାବେଶ' ଓଲାଗି କରାଯାଇ ଅନ୍ୟାନ୍ୟ ନୀତିମାନ ଅନୁଷ୍ଠିତ ହୋଇଥିଲା ।

## ଶ୍ରୀମନ୍ଦିରରେ ଦେବଦୀପାବଳୀ ଆରମ୍ଭ :

ତା ୨୨.୧୧.୨୨ରିଖ ମଙ୍ଗଳବାର ମାର୍ଗଶୀର କୃଷ୍ଣ ଚତୁର୍ଦ୍ଦଶୀ ତିଥି ଅବସରରେ ସଂଧ୍ୟାଧୂପ ଶେଷ ହେବା ପରେ ଶୁଦ୍ଧସୁଆରଙ୍କ ଦ୍ୱାରା ସିଂହାସନ ତଳେ ଧୂଆଧୋଇ ହୋଇ ପୋଛ ମରାଯାଇଥିଲା । ପରେ ଭଣ୍ଡାର ମେକାପ ଉଢ଼ଳରେ ଗୋଟିଏ ଗଛ କରିବା ସଙ୍ଗେ ସଙ୍ଗେ ପାଳିଆ




ମେକାପ ବଇଠାରେ ଘିଅ ଦେଇ ଗଛମାନଙ୍କରେ ବତୀ ଲଗାଇଥିଲେ । ପରଂପରା ଅନୁଯାୟୀ ୩ଟି ସୁନା ଆଳତି ଲଗାଇଥିଲେ । ଏହାପରେ ପୂଜାପଣ୍ଡା ଉକ୍ତ ଉଢ଼ଳଗଛ, ଦୀପ ସମୂହକୁ ସଂସ୍କାର କରି ପାଣି ପକାଇବା ପରେ ପୂଜାପଣ୍ଡା, ପତିମହାପାତ୍ର, ମୁଦିରସ୍ତଙ୍କ ଦ୍ୱାରା ବନ୍ଦାପନା ନୀତି ବଢ଼ିଥିଲା । ବନ୍ଦାପନା ସରିଲା ପରେ ୩ ଜଣ ପାଳିଆ ପୂଜାପଣ୍ଡା 'ମହାଦୀପ' ଆଳତି କରିଥିଲେ ଓ ଜୟବିଜୟ ଦ୍ୱାର ନିକଟରେ ପାଳିଆ ପଢ଼ିଆରୀ କରିଥିବା ଉଢ଼ଳ ଗଛକୁ ଜଣେ ପୂଜାପଣ୍ଡା ସଂସ୍କାର କରିଥିଲେ । ପରେ ୩ଜଣ ପୂଜାପଣ୍ଡା ଉକ୍ତ ମହାଦୀପକୁ ଆଣି ପାଳିଆ ଚୂନରା ହାତରେ ଦେଇଥିଲେ । ପାଳିଆ ଚୂନରା ତେଲ ଓ ଘିଅ ନେଇ ମନ୍ଦିର ଉପର ୩ ଦେଉଳରେ ଦୀପମାନ ଲଗାଇଥିଲେ ଏବଂ ଚନ୍ଦ୍ର ଉଦିଆ ଜାଳି ରାଜାଙ୍କୁ ଆଶୀର୍ବାଦ କରିଥିଲେ । ଏହି ପରିପ୍ରେକ୍ଷୀରେ ଶ୍ରୀବିଗ୍ରହମାନଙ୍କ 'ଶ୍ରାଦ୍ଧବେଶ' ଅନୁଷ୍ଠିତ ହୋଇଥାଏ । ଏହି ବେଶରେ ମହାପ୍ରଭୁ ପିତୃପୁରୁଷଙ୍କୁ ପିଣ୍ଡ ଦାନ କରିଥାନ୍ତି ।

## ଶ୍ରୀମନ୍ଦିରରେ ମଧ୍ୟ ଦେବଦୀପାବଳୀ ଅମାବାସ୍ୟା :

ତା ୨୩.୧୧.୨୨ରିଖ ବୁଧବାର ମାର୍ଗଶୀର ଅମାବାସ୍ୟା ନିମନ୍ତେ ସକାଳଧୂପ ସରି ପାଣିପଡ଼ିଲା ପରେ ଦକ୍ଷିଣ ଘରୁ ଅମାବାସ୍ୟା ଠାକୁର ସିଂହାସନକୁ ବିଜେ କରି ସେଠାରୁ 'ଆଜ୍ଞାମାଳ' ପାଇବାରେ ପାଲିଙ୍କିକୁ ବିଜେ କରିଥିଲେ । ସିଂହଦ୍ୱାର ଦେଇ ସ୍ୱର୍ଗଦ୍ୱାରସ୍ଥ ଘାଟକୁ ବିଜେ ହୁଅନ୍ତେ ଶୀତଳଭୋଗ, ବନ୍ଦାପନା ହୋଇ ଗୌଡ଼ବାଡ଼ ସାହି, ହରଚଣ୍ଡୀ ସାହି ଦେଇ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ ଏବଂ ସଂଧ୍ୟାଧୂପ ସରିଲା ପରେ ଶୁଦ୍ଧସୁଆର ସିଂହାସନ ତଳେ ପୋଛ ମାରିଥିଲେ । ଭଣ୍ଡାର ମେକାପ ଉଢ଼ଳରେ ଗୋଟିଏ ଗଛ କରିବା ପରେ ପାଳିଆ ମେକାପ ବଇଠାମାନଙ୍କରେ ଘିଅ ଦେଇ ଗଛମାନଙ୍କରେ ବତୀ ଲଗାଇଥିଲେ । ଏଥିରେ ୩ ଗୋଟି ସୁନା ଆଳତି ଲଗାଇବା ପରେ ୩ଜଣ ପାଳିଆ ପୂଜାପଣ୍ଡା ସଂସ୍କାର କରିଥିଲେ । ଏହାପରେ ପୂଜାପଣ୍ଡା, ପତିମହାପାତ୍ର, ମୁଦିରସ୍ତ ସିଂହାସନକୁ ଯାଇ ବନ୍ଦାପନା କରିଥିଲେ । ପୁନର୍ବାର ୩ଜଣ ପାଳିଆ ପୂଜାପଣ୍ଡା ମହାଦୀପ ହାତରେ ଧରି ଜୟବିଜୟ ଦ୍ୱାର ଭିତର ପାଖେ ଆସ୍ଥାନ ପଢ଼ିଆରୀ ପୂର୍ବରୁ କରିଥିବା ଉଢ଼ଳ ଗଛକୁ ଜଣେ ପୂଜାପଣ୍ଡା ସଂସ୍କାର କଲାପରେ, ତିନିଗୋଟି ମହାଦୀପକୁ ପୂଜାପଣ୍ଡା 'ନୀଳଚକ୍ର'କୁ ଦେଖାଇ ପାଳିଆ ଚୂନରାକୁ ଦେଇଥିଲେ । ପାଳିଆ ଚୂନରା ଉକ୍ତ ମହାଦୀପ ସହିତ ତେଲ, ଘିଅ ନେଇ ମନ୍ଦିର ଉପରେ ଦୀପମାନ ଓ ଚନ୍ଦ୍ରଉଦିଆ ଜାଳି ରାଜାଙ୍କୁ ଆଶୀର୍ବାଦ କରିଥିଲେ ।

## ଶ୍ରୀମନ୍ଦିରରେ ଶେଷ ଦେବଦୀପାବଳୀ ଉତ୍ସବ :

ତା ୨୪.୧୧.୨୨ରିଖ ଗୁରୁବାର ଦେବଦୀପାବଳୀ ସମାପନ ନିମନ୍ତେ ପୂର୍ବଦିନ ପରି ଉଢ଼ଳ ଗଛ ହେବା ପରେ ଦକ୍ଷିଣଘରୁ ଶ୍ରୀମଦନମୋହନ ସିଂହାସନକୁ ବିଜେ କରିଥିଲେ । ମୁଦିରସ୍ତ ପ୍ରସାଦ ଲାଗି କଲାପରେ ୩ଜଣ ପୂଜାପଣ୍ଡା ସଂସ୍କାର କରିଥିଲେ । ପରେ ପୂଜାପଣ୍ଡା, ପତିମହାପାତ୍ର, ମୁଦିରସ୍ତ ସିଂହାସନ ଉପରକୁ ଯାଇ ବନ୍ଦାପନା ନୀତି କରି ଓହ୍ଲାଇଥିଲେ । ମଦନମୋହନ, ଶ୍ରୀଦେବୀ, ଭୂଦେବୀ ଆଜ୍ଞାମାଳ ପାଇବା ପରେ ମହାଜନ ସେବକମାନେ ଠାକୁର, ଠାକୁରାଣୀଙ୍କୁ ହାତରେ ବିଜେ କରାଇ ଜୟବିଜୟ ଦ୍ୱାର ଭିତର ପାଖେ ହୋଇଥିବା ଉଢ଼ଳ ଗଛ ନିକଟରେ ଛିଡ଼ା ହୋଇଥିଲେ । ଏଠାରେ ପୂଜାପଣ୍ଡା ଉକ୍ତ ଉଢ଼ଳ ଗଛକୁ ସଂସ୍କାର କରିଥିଲେ । ପଢ଼ିଆରୀ ଜୟବିଜୟ ଦ୍ୱାର ଫିଟାଇଲା ପରେ ମହାଜନମାନେ ଦିଅଁମାନଙ୍କୁ ଝୁଲଣ ମଣ୍ଡପ ତଳେ ଥିବା ବିମାନକୁ ବିଜେ କରାଇଥିଲେ । ରୁନ୍ଧାବଢ଼ି, ମାଳଫୁଲ ଲାଗି ହୋଇ ବିମାନବଡୁମାନଙ୍କ ଦ୍ୱାରା ବିମାନ ଜଗନ୍ନାଥବଲ୍ଲଭ ମଠକୁ ବିଜେ କରିଥିଲେ । ସେଠାର ମୂଳିଆ ସୁଆଁସିଆରେ ଦେଇଥିବା କାଠ ଭଦ୍ରାସନ ଉପରେ ଆସ୍ଥାନ ପଢ଼ିଆରୀ କରିଥିବା ଉଢ଼ଳ ଗଛରେ ଦୀପ ବସାଇଥିଲେ । ମୁଦିରସ୍ତ ପ୍ରସାଦ ଲାଗି କଲାପରେ ପୂଜାପଣ୍ଡା ଉଢ଼ଳ ଗଛକୁ ସଂସ୍କାର କରିଥିଲେ । ଏହାପରେ ମୁଦିରସ୍ତ ବନ୍ଦାପନା କଲାପରେ ବିଜେ ପ୍ରତିମାମାନେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ ।



## ଶ୍ରୀମନ୍ଦିରରେ ଓଢ଼ଣ ବା ପ୍ରାବରଣ ଷଷ୍ଠୀ :

ତା ୨୯.୧୧.୨୨ରିଖ ମଙ୍ଗଳବାର ମାର୍ଗଶୀର ଶୁକ୍ଳ ଷଷ୍ଠୀ ତଥା ଓଢ଼ଣ ଷଷ୍ଠୀ ଅବସରରେ ଦୈନନ୍ଦିନ ନୀତି ପ୍ରକାରେ ସକାଳ ଧୂପ ସରି ପାଣିପଡ଼ିଲା ପରେ ପାଳିଆ ପୁଷ୍ପାଳକଙ୍କ ଦ୍ୱାରା ମୈଲମ ହୋଇଥିଲା । ଏହାପରେ ଭୋଗମଣ୍ଡପ ଘରେ ପୂର୍ବ ରାତ୍ରରେ ଅଧିବାସ ହୋଇ ରହିଥିବା ଘୋଡ଼ ଉଙ୍ଗୁଡ଼ିକୁ ୩ଜଣ ପାଳିଆ ପୁଷ୍ପାଳକ ଏବଂ ପୂଜାପଣ୍ଡା, ପତିମହାପାତ୍ର, ମୁଦିରସ୍ତ ହାତରେ ଧରି ଘଣ୍ଟ, ଛତା, କାହାଳୀ ପଟୁଆରରେ ୩ ବେଢ଼ା ପରିକ୍ରମା କରି ସିଂହାସନକୁ ବିଜେ କରାଇଥିଲେ । ପାଗ ଓ ଘୋଡ଼ ଲାଗି ହୋଇ ୬ ମୂର୍ତ୍ତି ଅଳଙ୍କାର ଲାଗି ସହିତ ବେଶ ବଢ଼ିଥିଲା ଏବଂ ମୁଦିରସ୍ତ ପ୍ରସାଦ ଲାଗି କଲାପରେ ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତ ବନ୍ଦାପନା କରିଥିଲେ । ଏହା ପରେ ପାଣିପଡ଼ି ମଧ୍ୟାହ୍ନ ଧୂପ ହୋଇଥିଲା ।

ପୂର୍ବ ପ୍ରକାଶିତ ଉତ୍ତାରୁ ....

# ଶ୍ରୀମନ୍ଦିରରେ ବିଜେ ପ୍ରତିମା

## (୨) ରାମ ଓ କୃଷ୍ଣ

ଜନ୍ମାଷ୍ଟମୀ ପରଦିନ ମଙ୍ଗଳ ଆଳତି ସରିବା ପରେ ମହାଜନ ସେବକମାନେ ରତ୍ନସିଂହାସନରୁ ରାମ ଓ କୃଷ୍ଣ ଦୁଇ ବିଜେ ପ୍ରତିମାଙ୍କୁ ହାତରେ ବିଜେ କରାଇ ଜଗମୋହନ ସ୍ଥିତ ଦୋଳିରେ ବସାଇଥାନ୍ତି । ସେହିପରି ଦକ୍ଷିଣି ଘରୁ ମଦନମୋହନ ଆସି ଦୋଳିରେ ବିଜେ ହୁଅନ୍ତି । ଏଠାରେ ବିଜୁଳୀକନ୍ୟା ନୀତି ସମ୍ପନ୍ନ ହେବା ପରେ ନନ୍ଦୋତ୍ସବ ନିମନ୍ତେ ଦୋଳିରେ ଝୁଲୁଥିବା ରାମ, କୃଷ୍ଣ ଓ ମଦନମୋହନଙ୍କୁ ସେଠାରୁ ଏକ ଖଟ ଉପରକୁ ବିଜେ କରାଯାଏ । ତିନି ବିଜେ ପ୍ରତିମାଙ୍କର ମାଜଣା, ମାଳଫୁଲ ଲାଗି ଓ ବେଶ ବଢ଼ିବା ପରେ, ସେମାନଙ୍କୁ ସାତପାହାଚ ଦ୍ୱାରଠାରେ ଥିବା ପାଲିଙ୍କିରେ ବିଜେ କରାଇ ଲକ୍ଷ୍ମୀମନ୍ଦିର ଜଗମୋହନରେ ପଡ଼ିଥିବା ଖଟ ଉପରକୁ ନିଆଯାଏ । ତାଟଲେଙ୍କା ଗୋଟିଏ ଦୁହାଁଳି ଗାଈ ଲକ୍ଷ୍ମୀଙ୍କ ମନ୍ଦିର ନିକଟକୁ ଆଣନ୍ତି । ଭିତରଛ ମହାପାତ୍ର ନନ୍ଦରାଜା ରୂପରେ ଆସି ଗୋଦୋହନ କରିଥାନ୍ତି । ବିଜେ ପ୍ରତିମାମାନଙ୍କୁ ରୂପା ପିଙ୍ଗଣରେ ଦୁଧ ସମର୍ପଣ, ପ୍ରସାଦଲାଗି ଓ ରାଶିକୋରା ମଣୋହି କରାଯାଏ । ନନ୍ଦରାଜା ପୁଅମାନଙ୍କୁ ଧରି ଜଗମୋହନରେ ବନ୍ଧା ଯାଇଥିବା ଦୋଳିରେ ବିଜେ କରାଇଥାନ୍ତି । ସେଠାରୁ ରାମ, କୃଷ୍ଣ ଓ ମଦନମୋହନଙ୍କୁ ଦକ୍ଷିଣି ଘରକୁ ନିଆଯାଏ ଏବଂ ନନ୍ଦୋତ୍ସବ ଲୀଳା ସମାପ୍ତ ହୁଏ ।



ଭାଦ୍ରବ କୃଷ୍ଣ ଦଶମୀ ଦିନ ମଧ୍ୟାହ୍ନ ଧୂପ ଓ ଦକ୍ଷିଣି ଘର ଭୋଗ ବଢ଼ିଲା ଉତ୍ତାରୁ ରାମ ଓ କୃଷ୍ଣ ରତ୍ନସିଂହାସନକୁ ବିଜେ କରି ଆଜ୍ଞାମାଳ ପାଇବାପରେ ହାତରେ ବିଜେ ହୋଇ ଆସି ବଟମୂଳେ ପୂର୍ବରୁ ପ୍ରସ୍ତୁତ ଥିବା ସୁସଜ୍ଜିତ ପାଲିଙ୍କିରେ ବସନ୍ତି । ସେଠାରୁ ଘଣ୍ଟ ଛତା କାହାଳୀଦି ସହ ବିମାନବଡୁ ସେବକମାନେ ବିମାନକୁ ନେଇ ସିଂହଦ୍ୱାର ଦେଇ ବଡ଼ଛତାମଠ ପାଖକୁ ଯାଆନ୍ତି । ସେଠାରେ ଥିବା ଏକ କାଷ୍ଠନିର୍ମିତ ସିଂହାସନରେ ପ୍ରତିମାମାନଙ୍କୁ ବିଜେ କରାଯାଏ । ଜଣେ ଲୋକ ଶବରୁଣୀ ବେଶ ହୋଇ ଗୁଆକୋଳି ଓ ନଡ଼ିଆ ପାତି ମିଶାଇ ଏକ ବାଉଁଶିଆରେ ଧରି ଆସି ସୋରେ ଡାକ ଦେଇଥାଏ- ‘ପାଣିର ଫଳ ସିଙ୍ଗଡ଼ାର କୋଳି ଖାଇବ ଆସ ହେ ପୁଏ’ । ଭିତରଛ ମହାପାତ୍ର ସେହି ଶବରୁଣୀଠାରୁ କୋଳି ନେଇ ରୂପା ପିଙ୍ଗଣରେ ରଖି ତାହାକୁ ରାମ ଓ କୃଷ୍ଣଙ୍କୁ ମଣୋହି କରାଇଥାନ୍ତି । ପୂଜାପଣ୍ଡା ଶୀତଳଭୋଗ କରନ୍ତି ଓ ଭିତରଛ ମହାପାତ୍ର ଠାକୁରମାନଙ୍କୁ ବନ୍ଦାପନା କରନ୍ତି । ଏହାପରେ ବିଜେ ପ୍ରତିମାଦ୍ୱୟ ବାହୁଡ଼ା ବିଜେ କରି ଜଗମୋହନରେ ପଡ଼ିଥିବା ଖଟ ଉପରେ ବିଜେ କରିଥାନ୍ତି । ଏଠାରେ ବାଲି ସାହି ଲୋକେ ବକାସୁର ବଧ ପ୍ରସ୍ତାବ କରନ୍ତି । ବାଲି ସାହିର ଜଣେ ବ୍ୟକ୍ତି ବକାସୁର ରୂପରେ ସେଠାରେ ପହଞ୍ଚନ୍ତି । ଅନ୍ୟଜଣେ କୃଷ୍ଣବେଶଧାରୀ ବ୍ୟକ୍ତି ସେଠାରେ ପହଞ୍ଚିବା ପରେ ବକାସୁର ବଧ ଲୀଳା ଅନୁଷ୍ଠିତ ହୁଏ । ସେହିପରି ହରଚଣ୍ଡୀ ସାହିର ବ୍ୟକ୍ତିଙ୍କ ଦ୍ୱାରା ଅଘାସୁର ବଧ ଲୀଳା ଅନୁଷ୍ଠିତ ହେବାପରେ ଉଭୟ ବିଜେ ପ୍ରତିମାଙ୍କ ନିକଟରେ ଶୀତଳଭୋଗ ଓ ବନ୍ଦାପନା ବଢ଼େ । ଏହାପରେ ରାମ ଓ କୃଷ୍ଣ ଦକ୍ଷିଣିଘରକୁ ବାହୁଡ଼ିଥାନ୍ତି ।

ଭାଦ୍ରବ କୃଷ୍ଣ ଏକାଦଶୀ ଦିନ ମଧ୍ୟାହ୍ନ ଧୂପ ଓ ଦକ୍ଷିଣିଘର ଭୋଗ ସରିଲେ ମଦନମୋହନ, ରାମ ଓ କୃଷ୍ଣ ଭିତର ସିଂହାସନକୁ ବିଜେ କରି ଆଜ୍ଞାମାଳ ପାଇବା ପରେ ହାତରେ ବିଜେ ହୋଇ ବଟକୃଷ୍ଣ ନିକଟରେ ଥିବା ସୁସଜ୍ଜିତ ପାଲିଙ୍କିରେ ବସନ୍ତି । ବିମାନବଡୁ ସେବକମାନେ ପାଲିଙ୍କି ବହନ କରି ବଡ଼ଦେଉଳକୁ ବେଢ଼ାଏ ବୁଲି ଲୋକନାଥ ମାର୍ଗରେ ଥିବା ଲବଣିଖିଆ ମଣ୍ଡପକୁ ନିଅନ୍ତି । ମହାଭୋଇ ଘରର ବୋହୂମାନେ ବନ୍ଦାପନା କରି ପାଛୋଟି ନେବା ପରେ ଠାକୁରମାନଙ୍କ ନିକଟରେ ସରଲବଣୀ ଭୋଗ ଭୋଗ ହୁଏ । ଶୀତଳଭୋଗ ଓ ବନ୍ଦାପନା ବଢ଼ିବା ପରେ ବିଜେ ପ୍ରତିମାମାନଙ୍କୁ ମାର୍କଣ୍ଡପୋଖରୀ ନିକଟକୁ ନିଆଯାଏ । ସେଠାରେ କାଳୀୟଦଳନ ଲୀଳା ଅନୁଷ୍ଠିତ ହୁଏ । ବିଜେ ପ୍ରତିମାମାନଙ୍କର ଶୀତଳଭୋଗ ଓ ବନ୍ଦାପନା ବଢ଼ିଲେ, ସେମାନେ ବାହୁଡ଼ି ଜୟବିଜୟଦ୍ୱାର ଠାରେ ପହଞ୍ଚି ଏକାଦଶୀଭୋଗ ଓ ବନ୍ଦାପନା ବଢ଼ିଲେ ଦକ୍ଷିଣିଘରକୁ ଫେରିଯାନ୍ତି ।

ଭାଦ୍ରବ କୃଷ୍ଣ ଦ୍ୱାଦଶୀ ତିଥିରେ ସନ୍ଧ୍ୟାଧୂପ ସରିଲେ ରାମ ଓ କୃଷ୍ଣ ଦକ୍ଷିଣିଘରୁ ସିଂହାସନକୁ ବିଜେ କରନ୍ତି । ଉଭୟ ବିଜେ ପ୍ରତିମା ଆଜ୍ଞାମାଳ ପାଇ ଜଗମୋହନରେ ପଡ଼ିଥିବା ଖଟ ଉପରେ ବିଜେ କରନ୍ତି । ଏଠାରେ ଦୋଳମଣ୍ଡପ ସାହି ଲୋକଙ୍କ ଦ୍ୱାରା ପ୍ରଳମ୍ବାସୁର ବଧ ଲୀଳା ଅନୁଷ୍ଠିତ ହେବାପରେ ରାମ ଓ କୃଷ୍ଣ ଦକ୍ଷିଣିଘରକୁ ବାହୁଡ଼ିଥାନ୍ତି ।

ଭାଦ୍ରବ ଶୁକ୍ଳ ତୃତୀୟା ଦିନ ସନ୍ଧ୍ୟା ଆଳତି ସରିବା ପରେ ଦକ୍ଷିଣିଘରୁ ରାମ ଓ କୃଷ୍ଣ ଭିତର ସିଂହାସନକୁ ଯାଇ ଆଜ୍ଞାମାଳ ପାଇସାରିବା ପରେ ବଟତଳେ ଥିବା ପାଲିଙ୍କିରେ ସିଂହଦ୍ୱାର ଦେଇ ବଡ଼ଛତାମଠ ପାଖରେ ଥିବା ଲକ୍ଷ୍ମୀଆଖଡ଼ା କାଠସିଂହାସନରେ ପାଲିଙ୍କି ସହିତ ବିଜେ କରନ୍ତି । ଏହାଙ୍କ ନିକଟରେ ବାସେଳୀସାହି ଲୋକଙ୍କ ଦ୍ୱାରା ମନ୍ଦରଗଜ ଲୀଳା ଅନୁଷ୍ଠିତ ହୁଏ । ଏଠାରେ ଶୀତଳଭୋଗ ବନ୍ଦାପନା ସରିଲେ ରାମ ଓ କୃଷ୍ଣ ଦକ୍ଷିଣିଘରକୁ ବାହୁଡ଼ିଯା'ନ୍ତି ।

ଭାଦ୍ରବ ଶୁକ୍ଳ ଦଶମୀ ତିଥିରେ ରାମ ଓ କୃଷ୍ଣ ଆଜ୍ଞାମାଳ ପାଇ କୁଣ୍ଡେଇବେଣ୍ଟ ସାହିସ୍ଥ ଲବଣିଖିଆ ମଣ୍ଡପକୁ ଯା'ନ୍ତି । ସେଠାରେ ସର, ଲବଣୀ ଖିଆ ଲୀଳା ପରେ ଜଗନ୍ନାଥବଲ୍ଲଭ ମଠ ସମ୍ମୁଖସ୍ଥ ମହାଖଳାଠାରେ ଅକ୍ରୂର ଲୀଳା, ତାହାର ଅଶ୍ୱବାଟ ପରେ ରଜକଲୀଳା, ଧନୁଘରଲୀଳା ଓ ମଲ୍ଲଯୁଦ୍ଧ ଲୀଳା ଅନୁଷ୍ଠିତ ହୋଇଥାଏ । କୁବୁଜା ଉଦ୍ଧାର ଲୀଳା ପରେ ମଥୁରାହାଟଯୁର ଲୀଳା ସାରି ସିଂହଦ୍ୱାରଠାରେ କୁବଳୟାଗଜ ଲୀଳା ଓ କଂସବଧ ଲୀଳା ଅନୁଷ୍ଠିତ ହେବା ପରେ ଠାକୁରମାନେ ଦକ୍ଷିଣିଘରକୁ ବିଜେ କରିଥାନ୍ତି ।

*ଡକ୍ଟର ନରେଶ ଚନ୍ଦ୍ର ଦାଶ*

● *ମହାସଚିବ, ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନ, ପୁରୀ*




ତା. ୨୨.୧୧.୨୨ରେ ଶ୍ରୀମନ୍ଦିରରେ ଦେବ ଦୀପାବଳୀ ଆରମ୍ଭ ପରିପ୍ରେକ୍ଷୀରେ ସିଂହଦ୍ୱାର ସମ୍ମୁଖରେ ଦୀପ ପ୍ରଜ୍ୱଳନ କରାଯାଉଅଛି ।

# ମନ୍ଦିରର ଶିଳ୍ପକଳା

*ପୂର୍ବ ପ୍ରକାଶିତ ଉତ୍ତାରୁ ....* **ବଡ଼ ଦେଉଳ :**

ଶିଳ୍ପ ଶାସ୍ତ୍ରରେ ବିଭିନ୍ନ ପ୍ରକାର ମନ୍ଦିରର ବର୍ଣ୍ଣନା ରହିଛି । ଏ ପ୍ରକାର ମନ୍ଦିରକୁ ଶ୍ରୀବସ୍ତ ଖଣ୍ଡଶାଳ ମନ୍ଦିର କୁହାଯାଏ । ମନ୍ଦିରଟି ଉନ୍ନତ କନ୍ଦା ପଥରରେ ତିଆରି ହୋଇଅଛି ।

(କ) ରତ୍ନସିଂହାସନ- ଭିତର ପୋଖରିଆରେ ଷୋହଳ ଫୁଟ ଉଚ୍ଚ ରନ୍ତ୍ସିଂହାସନ ଅଛି । ପୁରୁଷୋତ୍ତମ କ୍ଷେତ୍ରରେ ଏହା ସବୁଠାରୁ ପବିତ୍ରତମ ସ୍ଥାନ, କାରଣ ଏହା ଉପରେ ଚ଼ତୁର୍ଦ୍ଧାମୂର୍ତ୍ତି ଜଗନ୍ନାଥ ବିରାଜିତ । ଓଡ଼ିଶାର ବୈଷ୍ଣବ କବିମାନେ ଏହି ରନ୍ତ୍ସିଂହାସନର ମାହାତ୍ମ୍ୟ ବହୁଭାବରେ ବର୍ଣ୍ଣନା କରିଛନ୍ତି । ଏହାକୁ ନିତ୍ୟ ଗୋଲକଧାମ, ରାଧା-କୃଷ୍ଣଙ୍କର ନିତ୍ୟ ରାସସ୍ଥଳୀ ପ୍ରଭୃତି କୁହାଯାଇଛି । ଲୋକମୁଖରୁ ଶୁଣାଯାଏ, ଏହି ସିଂହାସନ ମଧ୍ୟରେ ଏକ ଲକ୍ଷ ଶାଳଗ୍ରାମ ରହିଛି ଓ ତାହା ଉପରେ ଶ୍ରୀଯନ୍ତ୍ର ଅଙ୍କନ କରାଯାଇ ତଦୁପରି ଶ୍ରୀବିଗ୍ରହମାନଙ୍କୁ ସ୍ଥାପନ କରାଯାଇଛି । ଏହା ବ୍ୟତୀତ ସିଂହାସନର ତିନି ପାର୍ଶ୍ୱରେ ସୁନ୍ଦର କାରୁକାର୍ଯ୍ୟ ସହିତ ଦେବତା, ଋଷି ଓ ଭକ୍ତମାନଙ୍କ ମୂର୍ତ୍ତି ମଧ୍ୟ ଅଛି । ରତ୍ନସିଂହାସନ ଚାରିପଟେ ପ୍ରଦକ୍ଷିଣ କଲେ ଏବଂ ତାହାକୁ ସ୍ପର୍ଶ କଲେ ମନୁଷ୍ୟ ବହୁ ପୁଣ୍ୟ ଲାଭ କରିଥାଏ ।



(ଖ) ନୀଳଚକ୍ର- ବଡ଼ ଦେଉଳ ଉପରେ ନୀଳଚକ୍ର ବିରାଜିତ ଓ ତହିଁରେ ପତାକା ବନ୍ଧା ହୋଇଥାଏ । ନୀଳଚକ୍ରଟି ଅଷ୍ଟଧାତୁରେ ନିର୍ମିତ । ଏହାର ଉଚ୍ଚତା ୧୧ ଫୁଟ ୮ ଇଞ୍ଚ ଓ ବ୍ୟାସ ୭ ଫୁଟ ୭ ଇଞ୍ଚ । ପରଂପରା ଅନୁସାରେ ନୀଳଚକ୍ରରେ ପତାକା ନଥିଲେ ଶ୍ରୀଜଗନ୍ନାଥଙ୍କର ଭୋଗ ହୁଏ ନାହିଁ । ତେଣୁ ପ୍ରତିଦିନ ଜଣେ ସେବକ ମନ୍ଦିର ଉପରକୁ ଉଠି ପତାକା ବାନ୍ଧନ୍ତି । ଭକ୍ତମାନେ ମଧ୍ୟ ନିଜ ନିଜ ମାନସିକ ଅନୁସାରେ ସେହି ସେବକଙ୍କ ଦ୍ୱାରା ପତାକା ବନ୍ଧାଇ ପାରନ୍ତି । ନୀଳଚକ୍ରଟି ଅତି ପବିତ୍ର ବୋଲି ବ୍ରହ୍ମପୁରାଣ ପ୍ରଭୃତିରେ ଉଲ୍ଲେଖ ଅଛି । ବେଳେ ବେଳେ କୌଣସି କାରଣରୁ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଶୃଙ୍ଖଳା ଭୋଗ ନୀଳଚକ୍ରକୁ ଚାହିଁ ସମର୍ପଣ ପୂର୍ବକ ଭୋଗ କରାଯାଏ । ଏହାକୁ ଚକ୍ରମଣୋହି କୁହାଯାଏ । ପତାକାକୁ ଓଡ଼ିଆ କବିମାନେ ପତିତପାବନ ବାନା ଆଖ୍ୟା ଦେଇଛନ୍ତି ଓ ଏହାକୁ ଅତି ପବିତ୍ର ମଣିଛନ୍ତି ।

(ଗ) ଶିଖର ନିଶା ମନ୍ଦିର- ପୂର୍ବରୁ କୁହାଯାଇଛି, ବଡ଼ ଦେଉଳର ତିନି ଦିଗରେ ତିନି ପାର୍ଶ୍ୱ ଦେବତାଙ୍କର ମୂର୍ତ୍ତି ଅଛି । ଦକ୍ଷିଣ ଦିଗରେ ବରାହ, ପଶ୍ଚିମରେ ନୃସିଂହ ଓ ଉତ୍ତରରେ ତ୍ରିବିକ୍ରମ ବା ବାମନ ବିରାଜମାନ କରିଛନ୍ତି । ଉକ୍ତ ଦେବତାଙ୍କର ବିଗ୍ରହଗୁଡ଼ିକ କଳା ମୁଗୁନି ପଥରରେ ଅତି ସୂକ୍ଷ୍ମ ଖୋଦନ ନିପୁଣତା ସହକାରେ ନିର୍ମିତ ହୋଇଛି । ଏହାର ନମୁନା ଓଡ଼ିଶା ଭାସ୍କର୍ଯ୍ୟରେ କ୍ୱଚିତ ଦେଖିବାକୁ ମିଳେ । ସେହି ମୂର୍ତ୍ତିଗୁଡ଼ିକ ସମ୍ମୁଖରେ ପରବର୍ତ୍ତୀକାଳରେ ତିନିଗୋଟି ଛୋଟ ମନ୍ଦିର ନିର୍ମାଣ କରାଯାଇଛି । ସେହି ମନ୍ଦିରକୁ ଯାଇ ସେହି ମୂର୍ତ୍ତିଗୁଡ଼ିକୁ ସୁବିଧାରେ ଦେଖିବା ପାଇଁ ସରୁ ପାହାଚ ଗୁଡ଼ିଏ ମଧ୍ୟ ନିର୍ମାଣ କରାଯାଇଛି । ଏହି ମନ୍ଦିରଗୁଡ଼ିକୁ ନିଶା ମନ୍ଦିର କୁହାଯାଏ ।

(ଘ) କଳାଘାଟ ଦ୍ୱାର- ଗର୍ଭଗୃହ ବା ଭିତର ପୋଖରିଆ ମଧ୍ୟକୁ ପ୍ରବେଶ କରିବାର ଏକମାତ୍ର ଦ୍ୱାରଟିକୁ କଳାଘାଟ ଦ୍ୱାର କୁହାଯାଏ । ଶ୍ରୀଜଗନ୍ନାଥଙ୍କ ରତ୍ନସିଂହାସନରେ ପହଞ୍ଚିବା ପାଇଁ ଏହା ଏକମାତ୍ର ମାର୍ଗ ହୋଇଥିବାରୁ ବୈଷ୍ଣବ କବିମାନେ ଏହାର ବହୁ ମହିମା ଗାନ କରିଛନ୍ତି । ପୂର୍ବେ ଏହାର ନାମ କଳା ରାଏଟ ଥିବାର ପ୍ରାଚୀନ ଓଡ଼ିଆ ସାହିତ୍ୟରୁ ଜଣାଯାଏ ।

(କ୍ରମଶଃ...)

● *(ସୌଜନ୍ୟ- ଶ୍ରୀକ୍ଷେତ୍ର ପରିଚୟ (ପୁସ୍ତକ), ଶ୍ରୀମନ୍ଦିର ପ୍ରକାଶନ, ପୁରୀ)*

## ଜାଣିବା କଥା ... ଅଣାକ୍ଷର

**ପ୍ରଶ୍ନ ଓ ଉତ୍ତର :**

୧. ପ୍ର - ଶ୍ରୀମନ୍ଦିରରେ 'ଚନ୍ଦନ ବିଜେ' କହିଲେ କ'ଣ ବୁଝାଯାଏ ?
ଉ - ଶ୍ରୀମନ୍ଦିରରେ ଘଟୁଆରୀଙ୍କ ସରଘରୁ କାହାଳୀ ପଟୁଆରରେ ଯେଉଁ ଚନ୍ଦନ ଆସି ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲାଗିହୁଏ ।

୨. ପ୍ର - ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ 'ଚନ୍ଦନବୁଡ଼ା' କହିଲେ କ'ଣ ବୁଝାଯାଏ
ଉ - ଚନ୍ଦନ ଯାତ୍ରା ବୟାଳିଶ ଦିନ ଆଲଟ ଲାଗି ପୂର୍ବରୁ ଠାକୁରଙ୍କୁ ଲାଗି ହେଉଥିବା ବସ୍ତ୍ର ।

୩. ପ୍ର - ଶ୍ରୀମନ୍ଦିର ରୀତିନୀତିରେ 'ଚନ୍ଦନବେଢ଼ା' କ'ଣ ଗୁରୁତ୍ୱ ବହନ କରିଥାଏ ?
ଉ - ଏହା ନରେନ୍ଦ୍ର ଚକଡ଼ା ବା ନରେନ୍ଦ୍ର ପୁଷ୍କରିଣୀ, ଯେଉଁଠି ଠାକୁରଙ୍କ ଚ଼ନ୍ଦନଯାତ୍ରା ବା ଜଳକ୍ରୀଡ଼ା ହୁଏ ।

୪. ପ୍ର - ଶ୍ରୀମନ୍ଦିରରେ 'ଚନ୍ଦ୍ରଉଦିଆ' କହିଲେ କ'ଣ ବୁଝାଯାଏ ?
ଉ - ଏହା ଏକ ବାଣ ବିଶେଷ । ଯେଉଁ ବାଣକୁ ଜାଳିଲେ ଚନ୍ଦ୍ରୋଦୟ ହେଲାଭଳି ଧଳା ଆଲୋକ ବିଚ୍ଛୁରିତ ହେଇଥାଏ । ତିନିଜଣ ଚୂନରା ମହାଦୀପ, ଚନ୍ଦ୍ରଉଦିଆ ଧରି ଶ୍ରୀମନ୍ଦିର ଉପରକୁ ଉଠନ୍ତି ଏବଂ ସାଥିରେ ନଡ଼ିଆ କତା ଲଗାଇ ନିଆଁ ନେଇଥାନ୍ତି । ଦଧିନଉତି ତଳେ ଠିଆହୋଇ ତୁଳସୀ ଚନ୍ଦନ ନୀଳଚକ୍ରକୁ ଲାଗି କରି ଚାରିପଟେ ତିନିଘେରା ବୁଲନ୍ତି ଓ ଚନ୍ଦ୍ର ଉଦିଆ ପ୍ରତ୍ୟେକ ଦିଗରେ ତିନିଟି ଲେଖାଏଁ ଜାଳନ୍ତି ।

୫. ପ୍ର - ଶ୍ରୀମନ୍ଦିରରେ 'ଚନ୍ଦ୍ରକାନ୍ତି' କହିଲେ କ'ଣ ବୁଝାଯାଏ ?
ଉ - ଶ୍ରୀଜଗନ୍ନାଥଙ୍କ ପାଖରେ ଭୋଗ ଲାଗୁଥିବା ଏକ ମିଠା ପିଠା ବିଶେଷ । ଏହା ମଧ୍ୟ ଏକ ଆଭରଣ ବିଶେଷ ।

୬. ପ୍ର - ଶ୍ରୀମନ୍ଦିରରେ 'ଚମ୍ପକ ଦ୍ୱାଦଶୀ' କ'ଣ ଗୁରୁତ୍ୱ ବହନ କରିଥାଏ ?
ଉ - ଏହି ଦିନ ଚମ୍ପା ଫୁଲ ଦ୍ୱାରା ବିଷ୍ଣୁଙ୍କୁ ପୂଜା କରିବାର ବିଧି ଅଛି । ଏହି ଦିନ ହେଉଛି ଜ୍ୟେଷ୍ଠ ଶୁକ୍ଳ ଦ୍ୱାଦଶୀ । ରୁକ୍ମିଣୀ ବିବାହର ପରଦିନ । ଇନ୍ଦ୍ରଦ୍ୟୁମ୍ନ ନାରଦଙ୍କ ଦ୍ୱାରା ଏହିଦିନ ଶ୍ରୀକ୍ଷେତ୍ରରେ ନୃସିଂହଙ୍କୁ ପ୍ରତିଷ୍ଠା କରିଥିଲେ ।

୭. ପ୍ର - ଶ୍ରୀମନ୍ଦିରରେ 'ଚଳନ୍ତି ଦେବୀ' କହିଲେ କାହାକୁ ବୁଝାଏ ?
ଉ - ଶ୍ରୀମନ୍ଦିରରେ ମାହାରୀକୁ ଚଳନ୍ତି ଦେବୀ ବୋଲି କୁହାଯାଇଥାଏ ।

୮. ପ୍ର - ଶ୍ରୀମନ୍ଦିରରେ 'ଚାଉଳବଛା କରଣ' ସେବକଙ୍କ କାର୍ଯ୍ୟ କ'ଣ ?
ଉ - ଶ୍ରୀମନ୍ଦିରରେ ଦୈନିକ ଠାକୁରଙ୍କ ସକାଳ ଓ ମଧ୍ୟାହ୍ନ ଧୂପରେ ଦିଆଯାଉଥିବା ଚାଉଳ ଓ କଞ୍ଚାମୁଗକୁ ନିଜେ ଲୋକଙ୍କ ଦ୍ୱାରା ବାଛି ସଫା କରନ୍ତି । ମୁଗ ଭାଙ୍ଗି ଚୋପା କାଢ଼ି ସଫା କରି କୋଠଭୋଗ ଥାଳି ଓ ତୁଣ ସୁଆରଙ୍କୁ ଦେଇ ନିଜେ କିଛି ଚାଉଳ ଓ ମୁଗ ପ୍ରାପ୍ୟ ରୂପେ ପାଆନ୍ତି ।

● *ସୌଜନ୍ୟ- ଶ୍ରୀମନ୍ଦିର ଶବ୍ଦକୋଷ- ଶ୍ରୀଜଗନ୍ନାଥ ଗବେଷଣା ପ୍ରତିଷ୍ଠାନ, ଭୁବନେଶ୍ୱର*

## ପରିଶିଷ୍ଟ - 'ଗ'

ପୂର୍ବ ପ୍ରକାଶିତ ଉତ୍ତାରୁ ....

### (୪) ପୁରୀ ଜିଲ୍ଲାପାଳ ଏଚ୍.ସେଭେଜ, ଏସ୍‌କ୍ୱୋୟାର 'ଓ' ଫ୍ଲାଗଙ୍କ ଠାରୁ ଓଡ଼ିଶା ଡିଭିଜନ୍ କମିନଶନର୍‌ଙ୍କୁ ପତ୍ର ।

ନଂ-୬୮୫ ପୁରୀ, ଜୁଲାଇ ୧୦,୧୮୮୬

ଠାକୁରମାନେ ବର୍ତ୍ତମାନ ଗୁଣ୍ଡିଚା ମନ୍ଦିରରେ ଅଛନ୍ତି ଏବଂ ଅଳ୍ପ ଦିନ ମଧ୍ୟରେ ସେମାନଙ୍କର ରଥ ପ୍ରତ୍ୟାବର୍ତ୍ତନ ପ୍ରକ୍ରିୟା (ବାହୁଡ଼ା ଯାତ୍ରା) ଅନୁଷ୍ଠିତ ହେବ ।

ଯାତ୍ରାର ପ୍ରଥମ ଦିବସରେ ପ୍ରାୟ ୫୦,୦୦୦ ଜନ ସମାଗମ ହୋଇଥିଲା ଏବଂ ସେହି ଦିନ ବିଗ୍ରହମାନଙ୍କୁ ମନ୍ଦିର ଭିତରୁ ରଥ ଉପରକୁ ବିଜେ କରାଯାଇଥିଲା ।

ପରବର୍ତ୍ତୀ ଦିବସରେ ରଥ ଟଣା ଆରମ୍ଭ ହେବାର ଅଳ୍ପ ସମୟ ମଧ୍ୟରେ ଜନ ସମାଗମ ବହୁ ପରିମାଣରେ କମି ଯାଇଥିଲା । ବାକି ଯେଉଁ ଅଳ୍ପ କେତେ ହଜାର ଲୋକ ଥିଲେ, ସେମାନଙ୍କର ଯାତ୍ରା ପ୍ରତି ଆଗ୍ରହ ଏତ କମ୍ ଥିଲା ଯେ ମନ୍ଦିର କର୍ତ୍ତୃପକ୍ଷଙ୍କୁ ରଥ ଟାଣିବା ପାଇଁ ବହୁତ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥିଲା ।

ଏଠାରେ ଉଲ୍ଲେଖ କରାଯାଇପାରେ ଯେ ବିଗତ ବର୍ଷମାନଙ୍କରେ ପୋଲିସମାନେ ଯାତ୍ରୀମାନଙ୍କୁ ରଥ ଟଣାରେ ସାହାଯ୍ୟ କରୁଥିଲେ, କିନ୍ତୁ ମୁଁ ହୃଦୟଙ୍ଗମ କଲି ଯେ ଏହା ପୋଲିସ୍‌ମାନଙ୍କର କର୍ତ୍ତବ୍ୟ ନୁହେଁ । ତେଣୁ ମୁଁ ସେମାନଙ୍କୁ ରଥ ଟାଣିବାକୁ ମନା କରିଥିଲି, ଯାହା ଫଳରେ



ରଥ ଟାଣିବା ପାଇଁ ସବୁ ବ୍ୟବସ୍ଥା ମନ୍ଦିର କର୍ତ୍ତୃପକ୍ଷଙ୍କୁ କରିବାକୁ ପଡ଼ିଥିଲା । ଯେହେତୁ ଏହା ଏକ ଧର୍ମୀୟ ଉତ୍ସବ, ତେଣୁ ଏ ସମ୍ପର୍କରେ ସବୁ ଦାୟିତ୍ୱ ମନ୍ଦିର କର୍ତ୍ତୃପକ୍ଷ ବୁଝିବା ଉଚିତ୍ ।

ରଥଗୁଡ଼ିକ ଗୁଣ୍ଡିଚା ମନ୍ଦିର ନିକଟରେ ପହଞ୍ଚିବା ପୂର୍ବରୁ ଲୋକସଂଖ୍ୟା ପ୍ରାୟ ପାଞ୍ଚହଜାର କମି ଯାଇଥିଲା ଏବଂ ଶଷ ପର୍ଯ୍ୟନ୍ତ ପ୍ରାୟ ଚାରି ହଜାର ଲୋକ ଉପସ୍ଥିତ ଥିଲେ ।

ଜନ ସମାଗମ ବହୁତ କମି ଯାଇଥିବାରୁ କଟକରୁ ଆସିଥିବା ପୋଲିସ୍ ଅଫିସର୍‌ମାନଙ୍କୁ ଫେରିଯିବା ପାଇଁ ମୁଁ ନିର୍ଦ୍ଦେଶ ଦେଇଥିଲି । କାରଣ ମନ୍ଦିର କର୍ତ୍ତୃପକ୍ଷଙ୍କ ବେତନ ଭୋଗୀ ୧୫୦ ଜଣ ସ୍ୱତନ୍ତ୍ର ପୋଲିସଙ୍କ ସହାୟତାରେ ସ୍ଥାନୀୟ ପୋଲିସମାନେ ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ଯଥେଷ୍ଟ ଥିଲେ । ମୋ ମତରେ କେତେକ ନିର୍ଦ୍ଦିଷ୍ଟ ବର୍ଷ ଛଡ଼ା ସବୁ ବର୍ଷ ଅନ୍ୟ ଜିଲ୍ଲାରୁ ପୋଲିସ୍ ଆଣିବାର କୌଣସି ଆବଶ୍ୟକତା ନାହିଁ ।

● (ଅନୁବାଦିତ)

**ଶ୍ରୀମନ୍ଦିର ନାଟମନ୍ଦିରରେ ସ୍ଥାପିତ 'ହୁଣ୍ଡି' ରେ ମୁକ୍ତ ହସ୍ତରେ ଦାନ କରନ୍ତୁ ।** *ଶ୍ରୀମନ୍ଦିର ପ୍ରଶାସନ, ପୁରୀ*

*ଐତିହ୍ୟ ପୃଷ୍ଠାରୁ ...*

## ଚଇତିପର୍ବ ଗୀତରେ ମହାପୁର ରହନ୍ତି ସାକ୍ଷୀ


ପଲ୍ଲୀକୋଳରେ ଯେବେ ଜଗନ୍ନାଥେ, ଭାବରେ ବିଭାସିତ ହୋଇଥିବେ, ପୁଞ୍ଜିଭୂତ ପୁଲକରେ ଶୁଭିଥିବ ଲୋକକଥାର ଗୀତ । ତାରି ଭିତରେ ଫୁଟିଥିଲା ଜନଜୀବନର ଚିତ୍ର । ଯେ ଚିତ୍ର ସହଯୋଗିତାର ସାମାଜିକ ସଂସ୍କୃତିର କଥା ।



ଓଡ଼ିଶା ସଂସ୍କୃତିର ଚିତ୍ର ସ୍ପର୍ଦ୍ଧା ଓ ପ୍ରତିଯୋଗିତାର ଚିତ୍ର ନୁହେଁ । ଶ୍ରଦ୍ଧା ଓ ସହଯୋଗିତାର । ଏଥିରେ ହିଁ ଆମ ଐତିହ୍ୟ ପରିପୃଷ୍ଟ । ଆମ ସାହିତ୍ୟ ବି ସଂହତିର ସାହିତ୍ୟ । ଆଦିକବିଙ୍କ ସାହିତ୍ୟ ହେଉ କି ମଧ୍ୟଯୁଗୀୟ ପଞ୍ଚସଖାଙ୍କର ସାହିତ୍ୟ ହେଉ, କି ସତ୍ୟବାଦୀ-ଯୁଗୀୟ ହେଉ ସବୁଠି ସ୍ମାରକିତ ସ୍ୱପ୍ନ ନେଇ ପର୍ଯ୍ୟାପ୍ତ ପ୍ରାଣୋଚ୍ଛ୍ୱାସରେ ସଂହତି ହିଁ ପ୍ରତିଫଳିତ ।

ଆମ ସାହିତ୍ୟର ଗାଥା ଗୀତି ହେଉ କି ସ୍ତୁତି ସାହିତ୍ୟ ହେଉ, ସବୁକିଛି ଶ୍ରୀଜଗନ୍ନାଥ ଚେତନାର ବିସ୍ମୟକର ବିବରଣୀ । ହଳିଆ ଗୀତରେ ପରିସ୍ଫୁଟ ହୁଏ ବୀରତ୍ୱର ବୁନିଆଦି । ଦୋଳି ଗୀତରେ ମିଳେ ଦରଦୀ ଧର୍ମଧାରାର ମଧୁର ମର୍ମବାଣୀ । ସେହିପରି ଚଇତିପର୍ବରେ ଯୋଗଦିଅନ୍ତି ନବବିବାହିତ ବନବାସୀ ଦମ୍ପତୀ । ଚଇତ୍ର ମାସର ଚଇତାଳିରେ ଦଳଦଳ ଯୁବତୀ-ଯୁବକଙ୍କ ମଧ୍ୟରେ ହେଉଥିବା ସାଂଗିତିକତାର ପ୍ରତିଯୋଗିତା ମହାପୁରୁଙ୍କୁ ସାକ୍ଷୀରଖି ଉଦ୍ଦାମତା ସୃଷ୍ଟି ହୁଏ । ଓଡ଼ିଶାର ପ୍ରାଚୀନ ସଭ୍ୟତାରେ ଏପରି ଉଜ୍ଜ୍ୱଳ ଉଦାହରଣ ଆମେ ଆଉ କେଉଁଠି ପାଇବା !! ●

*ଡକ୍ଟର ସୁରେନ୍ଦ୍ର କୁମାର ମିଶ୍ର- ଐତିହ୍ୟ ବିଶାରଦ (ଦୋଳମଣ୍ଡପ ସାହି), ପୁରୀ-୧*



## ତା ୧୦.୧୧.୨୨ରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଭାରତର ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଶ୍ରୀମନ୍ଦିର ଆସିଥିବା ସମୟର କେତେକ ଚିତ୍ର...














୧୦.୧୧.୨୨ରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଭାରତର ମହାମହିମ ରାଷ୍ଟ୍ରପତି

# ଫଟୋରେ ଖବର ...



ତା ୧.୧୧.୨୨ରେ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ସ୍ୱତନ୍ତ୍ର ଅଧିକାରୀ ଶ୍ରୀଯୁକ୍ତ ସରୋଜ କୁମାର ରାୟଙ୍କ ନେତୃତ୍ୱରେ କେନ୍ଦ୍ରାପଡ଼ାସ୍ଥିତ ଶ୍ରୀବଳଦେବଜୀଉଙ୍କୁ ପ୍ରଳମ୍ବାସୁର ବେଶ ପରିପ୍ରେକ୍ଷୀରେ 'ନୂତନ ପାଟ ଶାଢ଼ୀ' ମନ୍ଦିର ପୂଜକଙ୍କୁ ପ୍ରଦାନ କରାଯାଉଅଛି




ତା ୪.୧୧.୨୨ରେ ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟ ଠାରେ ମହାମହିମ ରାଷ୍ଟ୍ରପତିଙ୍କ ଗସ୍ତ ପରିପ୍ରେକ୍ଷୀରେ ମୁଖ୍ୟ ପ୍ରଶାସକ ଶ୍ରୀଯୁକ୍ତ ବୀର ବିକ୍ରମ ଯାଦବଙ୍କ ଅଧକ୍ଷତାରେ ଆହୂତ 'ଛତିଶା ନିଯୋଗ' ବୈଠକ



ତା ୪.୧୧.୨୨ରେ କାର୍ତ୍ତିକ ମାସର ପଞ୍ଚୁକ ଅବସରରେ ଶ୍ରୀବିଗ୍ରହଙ୍କ 'ଲକ୍ଷ୍ମୀନାରାୟଣ ବେଶ' ଦର୍ଶନ ପାଇଁ ଶ୍ରଦ୍ଧାଳୁ ଭକ୍ତମାନେ ଶ୍ରୀମନ୍ଦିରକୁ ପ୍ରବେଶ କରୁଅଛନ୍ତି



ତା ୧୬.୧୧.୨୨ରେ ନୀଳାଦ୍ରି ଭକ୍ତନିବାସ ଠାରେ ଗଜପତି ମହାରାଜା ଶ୍ରୀଶ୍ରୀ ଦିବ୍ୟସିଂହ ଦେବଙ୍କ ଅଧକ୍ଷତାରେ ଆହୂତ 'ଆଦର୍ଶ ଗୁରୁକୂଳ' ସମ୍ପର୍କିତ ବୈଠକ




ତା ୨୩.୧୧.୨୨ରେ ଅମାବାସ୍ୟା ନାରାୟଣଙ୍କ ସାଗର ବିଜେ



ତା ୨୪.୧୧.୨୨ରେ ଶ୍ରୀମନ୍ଦିରରେ ଶେଷ ଦେବ ଦୀପାବଳୀ ଅବସରରେ ଶ୍ରୀମଦନମୋହନ, ଲକ୍ଷ୍ମୀ ଓ ସରସ୍ୱତୀ ବିଭିନ୍ନ ନୀତିକାନ୍ତି ସମ୍ପର୍ଣ୍ଣ ନିମନ୍ତେ ଜଗନ୍ନାଥ ବଲ୍ଲଭକୁ ବିଜେ କରୁଅଛନ୍ତି

# ପୁରୀକୁ ଦଶାବତାର କ୍ଷେତ୍ର କୁହାଯାଏ କାହିଁକି ?

ସ୍କନ୍ଦ ପୁରାଣ ଉତ୍କଳଖଣ୍ଡ ଶ୍ରୀପୁରୁଷୋତ୍ତମ ମାହାତ୍ମ୍ୟର ପ୍ରାରମ୍ଭରେ ମହର୍ଷି ଜୈମିନି ସମବେତ ଋଷିମାନଙ୍କୁ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଶ୍ରୀକ୍ଷେତ୍ର ମାହାତ୍ମ୍ୟ ସଂପର୍କରେ ସବିଶେଷ ବିବରଣୀ ପ୍ରଦାନ କରିଛନ୍ତି । ଯଦ୍ୟପି ଶ୍ରୀଜଗନ୍ନାଥ ସର୍ବବ୍ୟାପୀ, ସକଳ କାରଣର କାରଣ ଓ ଅନ୍ୟ କ୍ଷେତ୍ରଗୁଡ଼ିକ ମଧ୍ୟ ବିଷେଶ ପାପନାଶକ, ତଥାପି ଶ୍ରୀକ୍ଷେତ୍ର ହିଁ ସେହି ଭଗବାନଙ୍କର ବପୁଃସ୍ୱରୂପ ହୋଇଥିବାରୁ ସର୍ବାପେକ୍ଷା ଶ୍ରେଷ୍ଠତ୍ୱ ଲାଭ କରିଅଛି । ସେ ହିଁ ସ୍ୱୟଂ ବିଗ୍ରହଧାରୀ ହୋଇ ଏଠାରେ ଅବସ୍ଥାନ କରୁଅଛନ୍ତି ଏବଂ କ୍ଷେତ୍ରଟି ସ୍ୱନାମରେ ଅର୍ଥାତ୍ ଶ୍ରୀଜଗନ୍ନାଥଙ୍କ ନାମରେ ବିଖ୍ୟାତ କରିଅଛନ୍ତି । ଏହି କ୍ଷେତ୍ର ପରମ ରମଣୀୟ ଆଶ୍ଚର୍ଯ୍ୟ କ୍ଷେତ୍ର ଦଶଯୋଜନ ବିସ୍ତୃତ ଓ ତୀର୍ଥରାଜା ମହୋଦଧିଙ୍କ ସଲିଳରୁ ସମୁତ୍ଥିତ ହୋଇ ବାଲୁକାରାଶି ଦ୍ୱାରା ପରିବେଷ୍ଟିତ । କ୍ଷର ଓ ଅକ୍ଷରକୁ ଅତିକ୍ରମ କରି ଏହି ପୁରୁଷୋତ୍ତମ କ୍ଷେତ୍ରରେ ସ୍ୱୟଂ ଶ୍ରୀଜଗନ୍ନାଥ ଅବସ୍ଥାନ କରୁଥିବାରୁ ଏହି କ୍ଷେତ୍ରଟି ସୃଷ୍ଟି ଓ ପ୍ରଳୟ ଦ୍ୱାରା ଆକ୍ରାନ୍ତ ହୁଏ ନାହିଁ ।



ପୁନଶ୍ଚ ମହର୍ଷି ଜୈମିନି ତାଙ୍କର ସ୍ମୃତିଚାରଣ କରି ମହାଦେବ ଓ କାର୍ତ୍ତିକେୟଙ୍କ କଥୋପକଥନକୁ ଉଦ୍ଧାର କରିଅଛନ୍ତି । ଶିବ ବୁଝାଇ କହୁଛନ୍ତି, ଭଗବାନ ନାରାୟଣ ସର୍ବଦା ଧର୍ମ ସଂସ୍ଥାପନ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ, ତାଙ୍କ ଠାରୁ ହିଁ ସଂସାରଚକ୍ର ପ୍ରବର୍ତ୍ତିତ ହୋଇଅଛି । ସେହି ପ୍ରଭୁ ସୃଷ୍ଟିକର୍ତ୍ତା ବ୍ରାହ୍ମାଦି ବହୁ ଅବତାର ସୃଷ୍ଟି କରିଛନ୍ତି । କବିଙ୍କ ଭାଷାରେ :-

ଭକତ ରକ୍ଷଣ ସହିତ ଧର୍ମ ସ୍ଥାପନା ପାଇଁ ।
ଯୁଗେ ଯୁଗେ ଅବତରନ୍ତି ସେହି ବ୍ରହ୍ମାଣ୍ଡ ସାଇଁ ॥
ଅଚିନ୍ତ୍ୟ ମହିମା ତାଙ୍କର ଚିନ୍ତା କରି ନୁହଁଇ ।
ନରଦେହ ବହି ସଂସାରେ କେହୁ ପାରିବ କହି ?
ପ୍ରକୃତି, ପୁରୁଷ ଅତୀତ ଗୁଣ ସଙ୍ଗ ବର୍ଜିତ ।
ଅକଳଙ୍କ ଚିର ନିର୍ମଳ ସେହି ଜଗତନାଥ ॥
ଭକତଙ୍କ ଦୁଃଖ ଦେଖିଲେ ସହି ପାରନ୍ତି ନାହିଁ ।
ତେଣୁ ପ୍ରତିଯୁଗେ ମହୀରେ ଆସି ହୁଅନ୍ତି ଦେହୀ ॥
ବହୁବିଧ ରୂପ ଧରନ୍ତି ପ୍ରଭୁ ଶ୍ରୀଚକ୍ରଧର ।
ସରଜିବା ପାଇଁ ସୃଷ୍ଟିକି ହେଲେ ସେ ବେଦବର ॥

ତାହା ମଧ୍ୟରେ ମୁଁ (ଶିବ) ତାହାଙ୍କ ଦ୍ୱିତୀୟ ଅବତାର ରୂପରେ, ସନନ୍ଦାଦି (ସନକ, ସନନ୍ଦନ, ସନାତନ, ସନତ୍କୁମାର) ଭଗବାନଙ୍କର ତୃତୀୟ ଅବତାର, ଗୌତମାଦି ଋଷିମାନେ ତାଙ୍କର ଚ଼ତୁର୍ଥ ଅବତାର, ଇନ୍ଦ୍ରାଦି ତେତିଶ ଦେବତା ପ୍ରଭୁଙ୍କର ପଞ୍ଚମାବତାର ଅଟନ୍ତି ।

ପୁନଶ୍ଚ କବିଙ୍କ ଭାଷାରେ :-

ଦ୍ୱିତୀୟରେ ମୋର ସ୍ୱରୂପ ଧରି ହେଲେ ଶଙ୍କର ।
ତୃତୀୟେ ଧଇଲେ ସନନ୍ଦ ସନକାଦି ଶରୀର ॥

ଗୌତମ ଆଦି ଯେ ଋଷିଙ୍କ ରୂପ ଚ଼ତୁର୍ଥେ ହେଲେ ।

ପଞ୍ଚମରେ ଇନ୍ଦ୍ର ସମେତ ଦେବଗଣ ହୋଇଲେ ॥

ଆହୁରି ମଧ୍ୟ ଜନକଲ୍ୟାଣ ନିମିତ୍ତ ଭଗବାନ ମତ୍ସ୍ୟକୂର୍ମାଦି ଦଶ ଅବତାର ଧାରଣ କରିଥିଲେ । ଏ ସମସ୍ତ ଏହି ପୁରୁଷୋତ୍ତମ କ୍ଷେତ୍ରରୁ ହିଁ ପ୍ରକାଶିତ ହୋଇ ନିଜ ନିଜର ଅବତାର କୃତ୍ୟ ସଂପାଦନ କରି ପୁନର୍ବାର ଏହି ସ୍ଥାନକୁ ଫେରି ଆସନ୍ତି । ଏଣୁ ଦଶ ଅବତାର ମାନଙ୍କର ଦର୍ଶନରେ ଯେଉଁ ଫଳପ୍ରାପ୍ତି ହୋଇଥାଏ, ପୁରୁଷୋତ୍ତମ ଶ୍ରୀଜଗନ୍ନାଥଙ୍କ ଦର୍ଶନରେ ସେହି ଫଳ ପ୍ରାପ୍ତି ହୋଇଥାଏ, ଏଥିରେ ସନ୍ଦେହ ନାହିଁ । ଯେହେତୁ ପୁରୁଷୋତ୍ତମ କ୍ଷେତ୍ର ଏହି ଦଶ ଅବତାର ମାନଙ୍କର ସୃଷ୍ଟିର, ସ୍ଥାନ ତେଣୁ ଏହି କ୍ଷେତ୍ରକୁ ଦଶାବତାର କ୍ଷେତ୍ର କୁହାଯାଏ । କବିଙ୍କ ଭାଷାରେ-

ମତ୍ସ୍ୟ, କୂର୍ମ ଆଦି ଗଣନେ ଯେ ଦଶ ଅବତାର ।
ଏହି ଶ୍ରୀକ୍ଷେତ୍ରରେ ସେ ସବୁ ପ୍ରଭୁ କଲେ ପ୍ରକାଶ ॥
ପରମ ପବିତ୍ର ସ୍ଥଳୀଏ ଶ୍ରୀହରିଙ୍କ ନିବାସ ।
ପ୍ରତି ଅବତାରେ ଏ କ୍ଷେତ୍ରୁ ପ୍ରଭୁ ହୋଇ ସମ୍ଭବ ॥
ଅନ୍ୟତ୍ର ଗମନ କରନ୍ତି କାର୍ଯ୍ୟେ ରକ୍ଷଣ ଭାବ ॥
ଭୂଭାର ହରଣ କରିଣ ସେହି ଜଗତନାଥ ।
ଏ ଧାମକୁ ଫେରି ଆସନ୍ତି ଏହା ଅଟଇ ସତ ॥
ଦଶ ଅବତାର ଦର୍ଶନେ ଯେମନ୍ତ ଫଳ ମିଳେ ।
ଏକା ଦାରୁବ୍ରହ୍ମ ଦର୍ଶନେ ଫଳ ତହିଁରୁ ବଳେ ॥

*ଶଂକର୍ଷଣ ମଂଗରାଜ, (ପୂର୍ବତନ କାର୍ଯ୍ୟକର୍ତ୍ତା, ପ୍ରସାର ଭାରତୀ)*
*ମଂଗଳାଘାଟ ରୋଡ଼, ପୁରୀ-୧*

## ଡିସେମ୍ବର ମାସର ବିଶିଷ୍ଟ ଦିବସ

| | |
|---|---|
| ତା ୩.୧୨.୨୨ ରିଖ ଶନିବାର | ଶ୍ରୀମନ୍ଦିରରେ ଗୋମତୀ ଏକାଦଶୀ |
| ତା ୭.୧୨.୨୨ ରିଖ ବୁଧବାର | ଶ୍ରୀମନ୍ଦିରରେ ପଣ୍ଡୁ ନୃସିଂହ ବିଜେ |
| ତା ୧୬.୧୨.୨୨ ରିଖ ଶୁକ୍ରବାର | ଶ୍ରୀମନ୍ଦିରରେ ଧନୁ ସଂକ୍ରାନ୍ତି ଓ ପହିଲି ଭୋଗ ଆରମ୍ଭ |
| ତା ୧୯.୧୨.୨୨ ରିଖ ସୋମବାର | ଶ୍ରୀମନ୍ଦିରରେ ସଫଳା ଏକାଦଶୀ |
| ତା ୨୩.୧୨.୨୨ ରିଖ ଶୁକ୍ରବାର | ଶ୍ରୀମନ୍ଦିରରେ ବକୁଳ ଅମାବାସ୍ୟା |

ବି.ଦ୍ର.: ପ୍ରକାଶିତ ପ୍ରବନ୍ଧଗୁଡ଼ିକରେ ଉପସ୍ଥାପିତ ମତାମତ ସମୂହ ସଂପୃକ୍ତ ଲେଖକମାନଙ୍କର ନିଜସ୍ୱ ଓ ସେଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ଦାୟୀ ନୁହଁନ୍ତି ।

**Printed & Published by Shree Jagannath Temple Administration, Puri, Ph. : 06752-222002, Fax - 252100**
**E-mail : jagannath.or@nic.in * Web Site : www.shreejagannatha.in Printed at : Rama Press, Near Amala Club, Puri**
@Shree Jagannatha Temple, Puri @jagannathadhaam @JagannathaDhaam @SJTA_Puri ମୂଲ୍ୟ : ଦୁଇଟଙ୍କା ମାତ୍ର